ପ୍ରେସ୍‌ନୋଟ୍

## ବନ କ୍ଷେତ୍ରପାଳକ ପ୍ରଶିକ୍ଷାର୍ଥୀମାନଙ୍କ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ।

ଅନୁଗୋଳ,ତା.୦୫.୦୪: ଆଜି ଓଡିଶା ବନରାଜିକ ମହାବିଦ୍ୟାଳୟ,ଅନୁଗୋଳ ଠାରେ ୧୭ତମ ବନ କ୍ଷେତ୍ରପାଳ ପ୍ରଶିକ୍ଷାର୍ଥୀମାନଙ୍କ ପାସିଂ ଆଉଟ୍ ପରେଡ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୧୮ ମାସର ପ୍ରଶିକ୍ଷଣ ପରେ ମୋଟ ୫୭ ଜଣ ପ୍ରଶିକ୍ଷାର୍ଥୀମାନଙ୍କ ମଧ୍ୟରୁ ଉତ୍ତରପ୍ରଦେଶରୁ ୫୧ ଜଣ, ନୂଆଦିଲ୍ଲୀରୁ ୪ ଜଣ ଓ ତାମିଲନାଡୁରୁ ୨ ଜଣ ପ୍ରଶିକ୍ଷାର୍ଥୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ନିଜ ନିଜର କାର୍ଯ୍ୟକ୍ଷେତ୍ରରେ ଆସନ୍ତାକାଲି ଠାରୁ ଯୋଗଦାନ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ପୂର୍ବାହ୍ନରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ପରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରଶିକ୍ଷାର୍ଥୀମାନଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା । ପରେ ପରେ ସ୍ୱତନ୍ତ୍ର ମୁଖ୍ୟ ବନ ସରଂକ୍ଷକ ଏବଂ ଜଙ୍ଗଲ ବିଭାଗ ମୁଖ୍ୟ ଶ୍ରୀ ଦେବୀଦତ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ୧୭ତମ ବ୍ୟାଚ ବନ କ୍ଷେତ୍ରପାଳ ପରିକ୍ଷାର୍ଥୀମାନଙ୍କ ନିରିକ୍ଷଣ କରିଥିଲେ । ଏହାପରେ ବନ କ୍ଷେତ୍ରପାଳ ପରିକ୍ଷାର୍ଥୀମାନେ ପାସିଂ ଆଉଟ୍ ପରେଡ କରିଥିଲେ । ଓଡିଶା ବନରାଜିକ ମହାବିଦ୍ୟାଳୟର ନିର୍ଦ୍ଦେଶକ ଶ୍ରୀ ସଂଗ୍ରାମ କେଶରୀ ବେହେରା ସ୍ୱାଗତ ଭାଷଣ ଦେଇଥିଲେ । ପାଠ୍ୟକ୍ରମ ନିର୍ଦ୍ଦେଶକ ଶ୍ରୀ ଆଶୁତୋଷ ମଲ୍ଲିକଙ୍କ ଦ୍ୱାରା ପାଠ୍ୟକ୍ରମ ବିବରଣୀ ପ୍ରଦାନ କରାଯାଇଥିଲା । ପରେ ପରେ ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ମୁଖ୍ୟ ବନ ସରଂକ୍ଷକ (ପ୍ରଶିକ୍ଷଣ ଓ ଉନ୍ନୟନ),କଟକ ଶ୍ରୀ ଅକ୍ଷୟ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରି ପ୍ରଶିକ୍ଷାର୍ଥୀମାନଂକୁ ସମ୍ବୋଧନ କରିଥିଲେ । ଦିଲ୍ଲୀରୁ ଆସିଥିବା ଡେପୁଟୀ କଞ୍ଜରଭେଟର ଅଫ୍ ଫରେଷ୍ଟ (ପି ଆଣ୍ଡ ଏମ୍) ଶ୍ରୀ ଅମିତ୍ ଆନନ୍ଦ, ଓରସାକର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ଅତିରିକ୍ତ ମୁଖ୍ୟ ବନ ସରଂକ୍ଷକ ଶ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ । ପରିକ୍ଷା ନିୟନ୍ତ୍ରକ ଶ୍ରୀ ଅମୂଲ୍ୟ କୁମାର ପରିଡା(ଡି ସି ଏଫ୍,ଅନୁଗୋଳ) ପରିକ୍ଷାର ଫଳାଫଳ ଘୋଷଣା କରିବା ସହ ପ୍ରଶିକ୍ଷାର୍ଥୀମାନଂକୁ ପ୍ରମାଣପତ୍ର ଏବଂ ଏକାଡେମିକ୍ ଆୱାର୍ଡ ପ୍ରଦାନ କରାଯାଇଥିଲା । ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ କହିଥିଲେ ଓଡିଶାରୁ ଆପଣମାନେ ସଫଳତାର ସହ କୃତକାର୍ଯ୍ୟ ହୋଇ ନୂଆ ଚାକିରୀ ନୂଆ ଜୀବନ ଆରମ୍ଭ କରିବାକୁ ଯାଉଛନ୍ତି ଏହି ଅବସରରେ ଆପଣମାନେ ସଚ୍ଚେଟତା,ସାଧୁତା ଓ କର୍ତ୍ତବ୍ୟ ପରାୟଣତା ସହ କାର୍ଯ୍ୟ କଲେ ଜୀବନରେ ସଫଳତାର ସ୍ୱାଦ, ଶାନ୍ତି ଓ ଆନନ୍ଦ ପାଇପାରିବେ । ଏହି ଦୀକ୍ଷାନ୍ତ ସମାରୋହରେ ବିଭିନ୍ନ ରାଜ୍ୟରୁ ପ୍ରଶିକ୍ଷାର୍ଥୀମାନଂକର ଅଭିଭାବକମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଅନୁଗୋଳ ଓଡିଶା ବନ କ୍ଷେତ୍ରପାଳ ମହାବିଦ୍ୟାଳୟର ଏ ସି ସି ଏଫ୍ ତଟିନୀ ସେଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

OPPO Reno7 5G
2023.04.05 20:43


OF
OPPO Reno7 5G
2023.04.05 12:55


PASSING OUT CEREMONY
OF
17TH BATCH FOREST
ODISHA FOREST RANGERS' COLLEGE
05.04.2023
OPPO Reno7 5G
2023.04.05 13:16